# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 27th June – 2026

***********************************

## ମୁଖ୍ୟ ସମ୍ବାଦ

- ଦେଶ ଅଭିବୃଦ୍ଧିରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି; କହିଲେ ମୁଖ୍ୟମନ୍ତ୍ରୀ ।

— ଭୁବନେଶ୍ୱରରେ ଉଦ୍ୟମୀ ଓଡ଼ିଶା ଏମ୍.ଏସ୍.ଏମ୍.ଇ. କାର୍ଯ୍ୟକ୍ରମ ଓ ମହିଳା ଉଦ୍ୟମିତା ମଞ୍ଚର କଲେ ଶୁଭାରମ୍ଭ ।

- ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ଦେଶବାସୀଙ୍କୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।

- ଶ୍ରୀଜିଉଙ୍କ ସ୍ନାନଯାତ୍ରା ସ୍ୱତନ୍ତ୍ର ନୀତିକାନ୍ତି ନିମନ୍ତେ ଆଜି ରାତି ସାଢ଼େ ୧୦ଟାରୁ ଆସନ୍ତାକାଲି ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ।

- ଦେଶବ୍ୟାପୀ ଆସନ୍ତାକାଲିଠାରୁ ଆରମ୍ଭ ହେବ ପଲ୍ସ ପୋଲିଓ ଟିକାକରଣ ଅଭିଯାନ ।

ଏବଂ

- ମୌସୁମୀ ପ୍ରଭାବରେ ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ।

***Desk***

# ଏମ୍.ଏସ୍.ଏମ୍.ଇ. ଦିବସ

ବିଶ୍ୱ ଅର୍ଥନୀତିରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେବା ଏବଂ ସେଗୁଡ଼ିକର ଅଭିବୃଦ୍ଧି ସହିତ ସ୍ଥାୟିତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ଅନ୍ତର୍ଜାତୀୟ **MSME** ଦିବସ ପାଳନ କରାଯାଉଛି । ଦେଶର ଅର୍ଥନୀତି ଏବଂ ନିଯୁକ୍ତି କ୍ଷେତ୍ରରେ **MSME** କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଉଦ୍ଭାବନ ଏବଂ ନିରନ୍ତର ଶିଳ୍ପ ବିକାଶ ମାଧ୍ୟମରେ **MSME**କୁ ସଶକ୍ତ କରିବା'। ଭୁବନେଶ୍ୱର ଲୋକସେବା ଭବନରେ 'ଉଦ୍ୟମୀ ଓଡ଼ିଶା' **MSME** କାର୍ଯ୍ୟକ୍ରମ ଏବଂ ମହିଳା ଉଦ୍ୟମିତା ମଞ୍ଚ ଓଡ଼ିଶା ଅଧ୍ୟାୟର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଦେଶ ଅଭିବୃଦ୍ଧିରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିନିର୍ମାଣ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଦେଶର ଘରୋଇ ଉତ୍ପାଦର ୩୦ ପ୍ରତିଶତ ଏବଂ ମୋଟ୍ ଉତ୍ପାଦର ୪୫ ପ୍ରତିଶତ **MSME** କ୍ଷେତ୍ରରୁ ଆସିଥାଏ । ରାଜ୍ୟ ସରକାର **MSME** କ୍ଷେତ୍ରକୁ ଗୁରୁତ୍ୱ ଦେବା ସହିତ ଦ୍ରୁତ ଶିଳ୍ପାୟନ ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି । ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ବିଭିନ୍ନ ପ୍ରକଳ୍ପକୁ ଅନୁମୋଦନ ମିଳିବା ସହିତ ଶୁଭାରମ୍ଭ ମଧ୍ୟ କରାଯାଇଛି । ଏଥିରେ **MSME** କ୍ଷେତ୍ର ଅନ୍ତର୍ଭୁକ୍ତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Voice (CM) :……***

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ନାରୀ ଶକ୍ତି ସ୍ୱାବଲମ୍ବୀ, ସମାବେଶୀ ଓ ପ୍ରଗତିଶୀଳ ଓଡ଼ିଶା ବିକାଶ କେନ୍ଦ୍ରରେ ରହିଛି । କଲ୍ୟାଣରେ ସଶକ୍ତୀକରଣ, ସଶକ୍ତୀକରଣରେ ନେତୃତ୍ୱ ଓ ନେତୃତ୍ୱରୁ ପରିବର୍ତ୍ତନ ହେଉଛି ସରକାରଙ୍କ ଦୃଷ୍ଟିକୋଣ । ଏସ୍.ଏସ୍.ଜି.ରୁ ଷ୍ଟାର୍ଟଅପ୍, ପାରମ୍ପରିକ କୌଶଳରୁ ଆଧୁନିକ ଉଦ୍ୟୋଗରେ ରାଜ୍ୟର ମହିଳାମାନେ ନବସୃଜନକାରୀ ଭାବେ ନିଜକୁ ପ୍ରତିପାଦିତ କରିପାରିଛନ୍ତି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି । ଏହି ଅବସରରେ ମହିଳା ଉଦ୍ୟମିତ ମଞ୍ଚ ଓଡ଼ିଶା ଅଧ୍ୟାୟର ଏକବର୍ଷ ପାଇଁ କାର୍ଯ୍ୟଯୋଜନାର ଶୁଭାରମ୍ଭ, ବରପାଲି ଏବଂ କେସିଙ୍ଗାରେ ଏମ୍.ଏସ୍.ଏମ୍.ଇ. ପାର୍କ ଓ ୨୫ଟି ଏମ୍.ଏସ୍.ଏସ୍.ଇ. ୟୁନିଟ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ, ବାଲେଶ୍ୱର ରାଇସ୍‌ମିଲ୍ କ୍ଲଷ୍ଟରର ଉଦ୍‌ଘାଟନ ଏବଂ ପାହାଳ ରସଗୋଲା କ୍ଲଷ୍ଟରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି ।

କାର୍ଯ୍ୟକ୍ରମରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ପ୍ରତାପ ଷଡ଼ଙ୍ଗୀ, ନୀତି ଆୟୋଗ ଉପାଧ୍ୟକ ଡକ୍ଟର ଅଶୋକ କୁମାର ଲାହିରି ଓ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

***Nabarangpur, Dhenkanal, Gajapati/R***

# ଉଦ୍ୟମୀ ଓଡ଼ିଶା କର୍ମଶାଳା

ଢେଙ୍କାନାଳ ମିନି ଷ୍ଟାଡିୟମ୍‌ରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉଦ୍ୟମୀ ଓଡ଼ିଶା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି ।

ସରକାର ଏମ୍.ଏସ୍.ଏମ୍.ଇ. ଓ ଷ୍ଟାର୍ଟଅପ୍‌କୁ ଆର୍ଥିକ ସହାୟତା ପ୍ରଦାନ କରି ନିଯୁକ୍ତି କ୍ଷେତ୍ରକୁ ସୁଦୃଢ଼ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ।

ନବରଙ୍ଗପୁରସ୍ଥିତ ମିଶନଶକ୍ତି ହଲ୍‌ରେ ଏ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି । ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍.ଏସ୍.ଏମ୍.ଇ. କ୍ଷେତ୍ରରେ ଉପଲବ୍ଧ ସରକାରୀ ଯୋଜନା, ଉଦ୍ୟୋଗ ସ୍ଥାପନ ପ୍ରକ୍ରିୟା, ବ୍ୟାଙ୍କରଣ ସୁବିଧା, ଡିଜିଟାଲ୍ ସେବା ସମ୍ପର୍କରେ ଆଲୋଚନା କରିଥିଲେ । କର୍ମଶାଳାରେ ଉଦ୍ୟୋଗୀମାନଙ୍କୁ ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନମୂଳକ ଯୋଜନାର ସୁଯୋଗ ନେବାକୁ ଶ୍ରୀ ମାଝୀ ପରାମର୍ଶ ଦେଇଥିଲେ ।

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିଠାରେ ପାଞ୍ଚଦିନିଆ ଉଦ୍ୟମୀ ଓଡ଼ିଶା ଏମ୍.ଏସ୍.ଏମ୍.ଇ. କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉଦ୍ୟୋଗୀ ହେବାର ବିଭିନ୍ନ ସୁଯୋଗ ସୃଷ୍ଟି ସମ୍ପର୍କରେ ଆଲୋଚନା କରାଯାଇଥିଲା ।

***Desk***

# ମନ୍ କୀ ବାତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ମାସିକ ରେଡିଓ କାର୍ଯ୍ୟକ୍ରମ ମନ୍‌କି ବାତର ୧୩୫ତମ ସଂସ୍କରଣ ହେବ ।

ଏହି କାର୍ଯ୍ୟକ୍ରମ  ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair  ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ  ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

***Desk***

# ପୁରୀ - ସ୍ନାନଯାତ୍ରା ପ୍ରସ୍ତୁତି

ଶ୍ରୀଜିଉଙ୍କ ପବିତ୍ର ସ୍ନାନଯାତ୍ରା ଆସନ୍ତା ସୋମବାର ଦିନ ଅନୁଷ୍ଠିତ ହେବ । ପୂର୍ବପ୍ରସ୍ତୁତି ନିମନ୍ତେ ଆଜି ରାତି ସାଢ଼େ ୧୦ଟାରୁ ଆସନ୍ତାକାଲି ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ । ସ୍ନାନଯାତ୍ରା ଉପଲକ୍ଷେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତିର ଆୟୋଜନ କରାଯିବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଏହି ଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବାପାଇଁ ଶ୍ରୀମନ୍ଦିର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ସୁରକ୍ଷା ବ୍ୟବସ୍ଥା ଓ ଜନଗହଳିପୂର୍ଣ୍ଣ ସ୍ଥାନରେ ୭୯ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିବାବେଳେ ମାର୍କେଟ୍ ଛକଠାରେ ବ୍ୟାରିକେଡ୍‌ରେ ଶ୍ରଦ୍ଧାଳୁମାନେ ଯାଇ ସ୍ନାନଯାତ୍ରା ଦିନ ମହାପ୍ରଭୁଙ୍କୁ ସ୍ନାନବେଦୀରେ ଦର୍ଶନ କରିପାରିବେ । ସମ୍ପୂର୍ଣ୍ଣ ସହରକୁ ସି.ସି.ଟି.ଭି. ସର୍ବେକ୍ଷଣ ମଧ୍ୟରେ ରଖାଯାଇଛି ।

ଶ୍ରଦ୍ଧାଳୁମାନଙ୍କ ସୁବ୍ୟବସ୍ଥିତ ଯାତାୟାତପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ବ୍ୟବସ୍ଥା କରାଯାଇଛି ବୋଲି ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି ।

***Voice :……***

***Desk, Kendrapara/R***

# ପୋଲିଓ ଟିକାକରଣ ଅଭିଯାନ

ଦେଶବ୍ୟାପୀ ଆସନ୍ତାକାଲିଠାରୁ ମଙ୍ଗଳବାର ପର୍ଯ୍ୟନ୍ତ ପଲ୍ସ ପୋଲିଓ ଟୀକାକରଣ ଅଭିଯାନ ଅନୁଷ୍ଠିତ ହେବ। ଏଥିରେ ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ କରାଯିବ । ଏନେଇ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ପୋଲିଓ ବୁଥ୍, ସ୍ୱାସ୍ଥ୍ୟକେନ୍ଦ୍ର ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ବ୍ୟବସ୍ଥା କରାଯାଇଛି । ଅଭିଭାବକମାନେ ନିଜ ନିଜର ଶିଶୁଙ୍କୁ ନିକଟସ୍ଥ ପୋଲିଓ ବୁଥ୍ ପୋଲିଓ ବୁନ୍ଦା ଦେଇପାରିବେ । ବୁଥ୍‌ରେ ପୋଲିଓ ବୁନ୍ଦା ନେଇ ନ ଥିବା ଶିଶୁଙ୍କୁ ସ୍ୱାସ୍ଥ୍ୟକର୍ମୀ ଓ ସ୍ୱେଚ୍ଛାସେବୀମାନେ ଘରକୁ ଘର ଯାଇ ଟୀକା ପ୍ରଦାନ କରିବେ। ପୋଲିଓ ରୋଗର ମୂଳୋତ୍ପାଟନ ଓ ସମସ୍ତ ଶିଶୁଙ୍କୁ ଟିକାକରଣର ସୁବିଧା ପ୍ରଦାନକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି । ରାଜ୍ୟର ବିଭିନ୍ନ ପୋଲିଓ ବୁଥ୍‌ରେ ଆସନ୍ତାକାଲି ଟିକା ପ୍ରଦାନ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

ଏହି ଅଭିଯାନରେ କେନ୍ଦ୍ରାପଡ଼ା ଜିଲ୍ଲାରେ ୧ ଲକ୍ଷ ୧୦ ହଜାର ୬୪୩ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବ । ଆସନ୍ତାକାଲି ୬୭୦ଟି ପୋଲିଓ ବୁଥ୍‌ରେ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦିଆଯିବ ।

***HS***

# ଅଟଳ ବସ୍‌ଷ୍ଟାଣ୍ଡ

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ବଲାଙ୍ଗିର ଜିଲ୍ଲାରେ ପାଟଣାଗଡ଼ରେ ନିର୍ମାଣ ହେବାକୁ ଥିବା ଅଟଳ ବସ୍‌ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ବସ୍‌ଷ୍ଟାଣ୍ଡ ପାଟଣାଗଡ଼ ଓ ଏହାର ଆଖପାଖ ଅଞ୍ଚଳର ସାମଗ୍ରିକ ବିକାଶରେ ସକାରାତ୍ମକ ପ୍ରଭାବ ପକାଇବ । ସ୍ଥାନୀୟ ଲୋକଙ୍କ ଯାତାୟାତ ବ୍ୟବସ୍ଥାକୁ ସହଜ କରିବା ସହ ବ୍ୟବସାୟ, ବାଣିଜ୍ୟିକ କାର୍ଯ୍ୟକଳାପ ଓ ଆର୍ଥିକ ବିକାଶକୁ ଅଧିକ ଗତିଶୀଳ କରିବ ବୋଲି ଶ୍ରୀ ସିଂହଦେଓ କହିଛନ୍ତି ।

***HS***

# ଭିତ୍ତିପ୍ରସ୍ତର

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ସଡ଼କ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ପ୍ରାୟ

୧ କୋଟି ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ହେବାକୁ ଥିବା ରାଇଘର ବ୍ଲକ୍‌ରେ ଏଲ୍-୪୩ ପି.ଏଲ୍.ରୁ ଦେଉଳପାରା ପର୍ଯ୍ୟନ୍ତ ସଡ଼କର ଉନ୍ନତୀକରଣପାଇଁ ଶିଳାନ୍ୟାସ କରାଯାଇଛି । ସେହିପରି ଉମରକୋଟ ବ୍ଲକ୍‌ର ସୁଖିଗାଁ ଡି.ଏମ୍.କେ. ଛକରୁ ଦୁରୁଆଗୁଡ଼ା ଓ ଜାମୁପାରାରୁ ଓଟେମୁଣ୍ଡା ପର୍ଯ୍ୟନ୍ତ ନୂତନ ସଡ଼କପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏଥିପାଇଁ ପ୍ରାୟ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇଛି ।

*Kendrapara/R*

# ବି.ଜେ.ପି. ସଭାପତି - କେନ୍ଦ୍ରପଡ଼ା ଗସ୍ତ

କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ବି.ଜେ.ପି. ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ ଯୋଗ ଦେଇଛନ୍ତି । ଏହି ଅବସରରେ ଶ୍ରୀ ସାମଲ ବୁଦ୍ଧିଜୀବୀମାନଙ୍କ ସହ ମତ ବିନିମୟ କରିବା ସହ ଏକ୍ ପେଡ୍ ମା’ କେ ନାମ୍ କାର୍ଯ୍ୟକ୍ରମ ଅଧୀନରେ ଚାରାରୋପଣ କରିଥିଲେ । କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀବଳଦେବଜିଉ ମନ୍ଦିରର ଉନ୍ନତୀକରଣପାଇଁ ଶ୍ରୀ ସାମଲ ପ୍ରତିଶ୍ରୁତି ଦେଇଛନ୍ତି ।

*Kendrapara/R*

# ଏସ୍.ଆଇ.ଆର୍.

କେନ୍ଦ୍ରାପଡ଼ା ଜିଲ୍ଲାରେ ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅଧୀନରେ ଥିବା ୧ ହଜାର ୪୪୯ଟି ମତଦାନ କେନ୍ଦ୍ରରେ ଡିଜିଟାଇଜେସନ କାର୍ଯ୍ୟ ଶେଷ ହୋଇଛି । ସଂଗୃହୀତ ତଥ୍ୟର ସଠିକ୍ ଯାଞ୍ଚ୍ ଓ ଡିଜିଟାଇଜେସନ ପରେ ଆସନ୍ତା ୫ ତାରିଖରେ ଚିଠା ତାଲିକା ପ୍ରକାଶ ପାଇବ । ୫ ତାରିଖରୁ ଅଗଷ୍ଟ ମାସ ୪ ତାରିଖ ପର୍ଯ୍ୟନ୍ତ ସାଧାରଣ ମତଦାତାମାନେ ନିଜ ନିଜର ଆପତ୍ତି ଅଭିଯୋଗ ଦାଖଲ କରିପାରିବେ ।

*Gajapati/R*

# ଏ.ପି.ପି. ତାଲିମ କର୍ମଶାଳା

ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନବନିଯୁକ୍ତ ଅଣକ୍ୟାଡର୍ ଅଭିଯୋଜନା ଅଧିକାରୀ - ଏ.ପି.ପି.ମାନଙ୍କର ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା ଦୌରାଜଜ୍ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସମାଜର ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନପାଇଁ ଏ.ପି.ପି.ମାନଙ୍କୁ ପରାମର୍ଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ଭାରତୀୟ ନ୍ୟାୟ ସଂହିତାରେ ଥିବା ବିଭିନ୍ନ ନୂତନ ଆଇନର

ସଂଶୋଧନ ଓ ଏହାର ପ୍ରଭାବ ତଥା ପୁରୁଣା ଓ ନୂଆ ଅପରାଧିକ ଆଇନ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ ସମ୍ପର୍କରେ ଆଲୋଚନା କରାଯାଇଛି ।

***Met.O.***

## ପାଣିପାଗ

ରାଜ୍ୟରେ ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆଗାମୀ ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ପଶ୍ଚିମ ଓଡ଼ିଶାର ୭ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏହି ସମୟରେ ମଧ୍ୟରେ ପବନର ବେଗ ୪୦ରୁ ୫୦ କିଲୋମିଟର ରହିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

******